## ସଂକ୍ଷେପରେ

### ନବବଧୂଙ୍କ ମୃତ୍ୟୁ ଘଟଣା, ସ୍ୱାମୀ କୋର୍ଟ ଚାଲାଣ

ବଅଁରପାଳ,୬।୧୦(ଡି.ଏନ.ଏ.)- ବଅଁରପାଳ ଥାନା ଗୋତମରା ଗ୍ରାମର ଗୁଡୁଲି ରାଉତଙ୍କୁ ତାଙ୍କ ଶାଶୁ ଘର ଲୋକ ଅଧିକ ଯୌତୁକ ଦାବି କରି ହତ୍ୟା କରିଥିବା ଅଭିଯୋଗରେ ଶନିବାର ପୋଲିସ ସ୍ୱାମୀ ସୁଜିତ ଦେହୁରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୁଜିତ, ଶାଶୁ ଶ୍ୱଶୁର ମିଶି ତାଙ୍କୁ ହତ୍ୟା କରିଥିବା ନେଇ ଗୁଡୁଲିଙ୍କ ବାପା ଅଯୋଧା ଅଭିଯୋଗପତ୍ରରେ ଦର୍ଶାଇଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଥିଲା।

### ତେଲ ଚୋରି, ଅଟୋ ଜବତ

ବଇଣ୍ଡା,୬।୧୦(ଡି.ଏନ.ଏ.)- କିଶୋରନଗର ବ୍ଲକ ହଣ୍ଡପା ଥାନା ବଡ଼ତଙ୍ଗିଆଣି ଗ୍ରାମରେ ଶନିବାର ହଣ୍ଡପା ପୋଲିସ ଚଢ଼ାଉ କରି ତେଲ ଚୋରି ଘଟଣାରେ ବ୍ୟବହୃତ ଏକ( ଓଡ଼ି୧୯ଏମ୍ ୭୨୨୮) ଅଟୋକୁ ପୋଲିସ ଜବତ କରିଛି। ଏଥିରେ କାହାରିକୁ ଗିରଫ କରାଯାଇପାରି ନାହିଁ। ପୋଲିସ କହିଛି, ୫୫ ନଂ. ଜାତୀୟ ରାଜପଥ ଢାବାଗୁଡ଼ିକରେ ରାତିରେ ଲାଗୁଥିବା ଟ୍ରକ ଗୁଡ଼ିକରୁ ଉକ୍ତ ଅଟୋ ଦ୍ୱାରା ପ୍ରତିଦିନ ତେଲ ଚୋରି କରାଯାଉଛି। ଏଥିରେ ୬ ଜଣ ସମ୍ପୃକ୍ତ ଥିବାବେଳେ ସେମାନଙ୍କ ନାମ ପୋଲିସ ଗୋପନ ରଖିଛି। ପୋଲିସ ତଦନ୍ତ ଜାରି ରଖିଛି।

### ସାପ କାମୁଡ଼ାରେ ଶିକ୍ଷକ ଗୁରୁତର

ବଇଣ୍ଡା, ୬।୧୦(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ପାଇକସାହି ନିକଟସ୍ଥ ତାଳବାହାଳି ପ୍ରାଥମିକ ବିଦ୍ୟାଳୟର ଖେଳ ଶିକ୍ଷକ ଆନନ୍ଦ କୁମାର ଖୁଣ୍ଟିଆ ଶୁକ୍ରବାର ରାତିରେ ସାପ କାମୁଡ଼ାରେ ଗୁରୁତର ହୋଇଛନ୍ତି। ସେ ଶୋଇଥିବାବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ତାଙ୍କୁ ପ୍ରଥମେ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ନୂତନ ଯୋଗାଣ ଅଧିକାରୀଙ୍କ ଯୋଗଦାନ



ବଅଁରପାଳ,୬।୧୦(ଡି.ଏନ.ଏ.): ବଅଁରପାଳ ବ୍ଲକ କାର୍ଯ୍ୟାଳୟରେ ନୂତନ ଯୋଗାଣ ଅଧିକାରୀ ଭାବେ ଶନିବାର ସତ୍ୟବ୍ରତ ସେଠୀ ଯୋଗ ଦେଇଛନ୍ତି। ଏହାପୂର୍ବରୁ ସେ ସୁନ୍ଦରଗଡ଼ ଜିଲାରେ କାର୍ଯ୍ୟ କରୁଥିଲେ। ନିଜ ଦାୟିତ୍ୱକୁ ସୁଚାରୁ ରୁପେ ତୁଲାଇବା ସହ ଲୋକେ କିଭଳି ଭାବେ ଠିକ୍ ସେବା ପାଇପାରିବେ ସେଥିପ୍ରତି ସେ ଧ୍ୟାନ ଦେବେ ବୋଲି ପ୍ରକାଶ କରିଛନ୍ତି।

### ଗଣ୍ଡଗୋଳ ଅଭିଯୋଗରେ ଯୁବକ ଗିରଫ

କଣିହାଁ,୬।୧୦(ଡି.ଏନ.ଏ.)- କଣିହାଁ ବ୍ଲକ ଏନ୍‌ଟିପିସି ଟାଉନ ଥାନା ପୋଲିସ ଗଣ୍ଡଗୋଳ ଅଭିଯୋଗରେ ଶନିବାର ସାରଥିପାଳ ଗ୍ରାମର ପ୍ରତାପଚନ୍ଦ୍ର ପ୍ରଧାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଏସ୍‌ଆଇ ଦିଲୀପ ଗଡ଼ନାୟକଙ୍କ ସୂତ୍ରରୁ ପ୍ରକାଶ, ପ୍ରତାପ ବିଭିନ୍ନ ସମୟରେ ଗାଁରେ ବିଶୃଙ୍ଖଳା ସୃଷ୍ଟି କରୁଥିଲେ। ଶୁକ୍ରବାର ନାମ ସଂକୀର୍ତ୍ତନ ଚାଲିଥିବାବେଳେ ଗଣ୍ଡଗୋଳ କରିଥିଲେ। ଏ ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ନଂ. ୬୭/୧୮ରେ ଏକ ମାମଲା ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଥିଲା।

### ଖବରଦାତାଙ୍କୁ ସୁରକ୍ଷା ଦାବି

କଣିହାଁ,୬।୧୦(ଡି.ଏନ.ଏ.)-କଣିହାଁ ବ୍ଲକ ପ୍ରେସ୍ କ୍ଲବ ତରଫରୁ ଖବରଦାତାମାନଙ୍କୁ ସୁରକ୍ଷା ଦାବିରେ ଶନିବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କଣିହାଁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସାମ୍ବାଦିକମାନେ ଆକ୍ରମଣର ଶିକାର ହେଉଥିଲେ ହେଁ ସରକାର ଏଥିପ୍ରତି ଗୁରୁତ୍ୱ ନ ଦେବା ନିନ୍ଦନୀୟ ବୋଲି କ୍ଲବ ପକ୍ଷରୁ କୁହାଯାଇଛି। ଖବରଦାତା ଧନେଶ୍ୱର ମହାନ୍ତି, ରଞ୍ଜନ ମିଶ୍ର, ଭୁପେନ ଗଡ଼ନାୟକ, ଜ୍ୟୋତି ରଞ୍ଜନ ଧର, ସଚ୍ଚିଦାନନ୍ଦ ପ୍ରଧାନ, ନୀଳକଣ୍ଠ ବେହେରା ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି।

---

ଜରାସିଂହାବାସୀ-ଟ୍ରକ୍ ମାଲିକ ସଂଘ ବିବାଦ

# ଗ୍ରାମବାସୀଙ୍କୁ ସଂଘ କର୍ମକର୍ତ୍ତାଙ୍କ ମାଡ଼ ଅଭିଯୋଗ

- କୋଇଲା ଟ୍ରକ୍ ଚଳାଚଳ ବନ୍ଦ କରିବାକୁ ଜିଦ୍
- ଏସ୍‌ପି, ଉପଜିଲାପାଳଙ୍କ ସହ ଆଲୋଚନା
- ପୂଜା ପରେ ବସିବ ଉଚ୍ଚସ୍ତରୀୟ ବୈଠକ
- ନୋ ଏଣ୍ଟ୍ରି ସମୟରେ ଟ୍ରକ ଚଳାଚଳ ହେଲେ କାର୍ଯ୍ୟାନୁଷ୍ଠାନ

ଅନୁଗୋଳ ଅଫିସ, ୬।୧୦

ଅନୁଗୋଳ ଜିଲା ଜରାସିଂହା ଗ୍ରାମବାସୀ ଓ ପୀତାବଳି ଅନୁଗୋଳ ଟ୍ରକ୍ ମାଲିକ ସଂଘ(୧୦-୧୨ ଚକିଆ) ବିବାଦ ଉଗ୍ରରୂପ ନେଇଛି। ଗ୍ରାମରେ ଟ୍ରକ୍ ଚଳାଚଳକୁ ବିରୋଧ କରିବାରୁ ଟ୍ରକ୍ ମାଲିକ ସଂଘ ଗ୍ରାମବାସୀଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ନେଇ ଗ୍ରାମବାସୀ ଶନିବାର ଅନୁଗୋଳ ଥାନାରେ ଅଭିଯୋଗ କରିଛନ୍ତି। ଏଥିସହ ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କ ସହ ଆଲୋଚନା ପରେ ଉପଜିଲାପାଳଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଛି।

ଗ୍ରାମବାସୀ ଅଭିଯୋଗ କରିଛନ୍ତି, ପ୍ରତ୍ୟେକ ଦିନ କୋଇଲା ବୋଝେଇ ହୋଇ ୬ ଶହରୁ ୭ ଶହ ଟ୍ରକ ଗାଁ ଦେଇ ଯାତାୟାତ କରୁଛି। ଗାଁର ସ୍ୱାର୍ଥ ଦୃଷ୍ଟିରୁ ଟ୍ରକ୍ ଚଳାଚଳକୁ ବିରୋଧ କରାଯାଇଥିଲା। କିନ୍ତୁ ଟ୍ରକ ସଂଘର କିଛି ନିର୍ଦ୍ଦିଷ୍ଟ କର୍ମକର୍ତ୍ତା ଗ୍ରାମବାସୀଙ୍କ ଯାତାୟାତରେ ରୋକ ଲଗାଇବାକୁ ଉଦ୍ୟମ କରୁଛନ୍ତି। ଅନୁଗୋଳ ସହରକୁ ପରିବା ବିକ୍ରି କରିବାକୁ ଯିବାବେଳେ ମଧ୍ୟ ଟ୍ରକ ସଂଘର କର୍ମକର୍ତ୍ତାମାନେ ସେମାନଙ୍କୁ ବ୍ୟବସାୟ କରାଇ ଦେଉନାହାନ୍ତି। ଗ୍ରାମର କୃଷକମାନେ ପରିବା ନେଇ ଯାଉଥିବା ଅଟୋ, ଟ୍ରକ ଆଦିକୁ ଅଟକାଇ ଗାଳିଗୁଲଜ କରିବା ସହ ମାଡ଼ ମାରୁଛନ୍ତି। କୋଲ କରିଡର ରାସ୍ତା ପରିବର୍ତ୍ତେ ଟ୍ରକ୍‌ଗୁଡ଼ିକ ଗ୍ରାମ ରାସ୍ତାରେ ଯାତାୟାତ କରୁଛି। ଫଳରେ ଗ୍ରାମବାସୀ ରାସ୍ତାରେ ଯିବାଆସିବା କରିବାକୁ ସୁରକ୍ଷିତ ମଣୁନାହାନ୍ତି। ତେଣୁ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନୋ ଏଣ୍ଟ୍ରି ସମୟରେ ଟ୍ରକ୍ ଚଳାଚଳ ବନ୍ଦ କରାଯିବା, ମାଡ଼ ମାରିଥିବା ସଂଘର କର୍ମକର୍ତ୍ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେମାନେ ଦାବି କରିଥିଲେ। ଏ ନେଇ ଶନିବାର ପୂର୍ବାହ୍ନରୁ ଅପରାହ୍ନ ଯାଏ ଜିଲା ପ୍ରଶାସନ ଓ ପୋଲିସ କାର୍ଯ୍ୟାଳୟରେ ଶହ ଶହ ସଂଖ୍ୟାରେ ଲୋକ ରୁଣ୍ଡ ହୋଇଥିଲେ। ପରେ ଉପଜିଲାପାଳ ବାସୁଦେବ ଶତପଥୀଙ୍କ କାର୍ଯ୍ୟାଳୟରେ ଏକ ବୈଠକ ବସିଥିଲା। ଉପଜିଲାପାଳ ଏଥିରେ କେତେକ ପ୍ରସ୍ତାବ ଦେଇଥିଲେ ମଧ୍ୟ ଗ୍ରାମବାସୀ ସବୁ ପ୍ରସ୍ତାବରେ ରାଜି ହୋଇ ନ ଥିଲେ। ପରେ ଉପଜିଲାପାଳ କହିଥିଲେ ଯେ, ନୋ ଏଣ୍ଟ୍ରି ସମୟ(ସକାଳ ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ) ରେ ଗାଡ଼ି ଚଳାଚଳ ହେବ ନାହିଁ। ଏହି ସମୟରେ ଯାତାୟାତ କରୁଥିବା ଗାଡ଼ିଗୁଡ଼ିକୁ ପୋଲିସ ଧରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପାର୍ବଣ ପରେ ଗ୍ରାମବାସୀଙ୍କ ସହ ଟ୍ରକ ସଂଘ, ଜିଲା ପ୍ରଶାସନ ଓ ଅନ୍ୟ ବିଭାଗର କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଏକ ଉଚ୍ଚସ୍ତରୀୟ ବୈଠକ କରାଯିବ ବୋଲି ଉପଜିଲାପାଳ କହିଥିଲେ। ଏଥିରେ ଗ୍ରାମବାସୀ ରାଜି ହୋଇଥିଲେ ହେଁ ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ କୋଇଲା ଟ୍ରକ୍ ଯାତାୟାତ ନ କରିବା ପାଇଁ ଗ୍ରାମବାସୀ ଜିଦ୍ ଧରିଛନ୍ତି। ଅନ୍ୟପକ୍ଷରେ ଗ୍ରାମବାସୀଙ୍କୁ ଅନୁଗୋଳ ଏସ୍‌ଡ଼ିପିଓ ହରିହର ପାଣି ଖରାପ ବ୍ୟବହାର କରିଥିବା ନେଇ ସେମାନେ ଏସ୍‌ପି ଓ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ସମସ୍ୟା ନେଇ ଏସ୍‌ଡ଼ିପିଓଙ୍କ ପାଖକୁ ଯାଇଥିବାବେଳେ ସେ ତାଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ କରାଯିବାକୁ ଦାବି ହୋଇଛି।

ଏ ସମ୍ପର୍କରେ ସଂଘ ପକ୍ଷରୁ କୁହାଯାଇଛି ଯେ, ସଂଘର କୌଣସି ସଦସ୍ୟ କାହାରିକୁ ଗାଳିଗୁଲଜ କିମ୍ବା ମାଡ଼ ମାରିନାହାନ୍ତି। ଗ୍ରାମବାସୀ ରାସ୍ତାରେ ତୁମ ଟ୍ରକ୍ ଯାଇପାରିବନି ବୋଲି କହି ଗାଡ଼ି ଅଟକାଇବା ସହ ଆଉ କେତେଜଣ ଚାନ୍ଦା ମାଗିଥିଲେ। ଏହାର ପ୍ରତିବାଦ କରିବାରୁ ସେମାନେ ଏପରି ଅଭିଯୋଗ କରିଛନ୍ତି ବୋଲି ସଂଘ ପକ୍ଷରୁ କୁହାଯାଇଛି।



ଥାନା ସମ୍ମୁଖରେ ଜରାସିଂହା ଗ୍ରାମବାସୀ ଏକଜୁଟ ହୋଇଛନ୍ତି।

---

## ଶୋଭାଯାତ୍ରାରେ ଦେଲେ ସଚେତନତାର ବାର୍ତ୍ତା

ଅନୁଗୋଳ ଅଫିସ, ୬।୧୦

ଅନୁଗୋଳ ନେହେରୁ ଯୁବକେନ୍ଦ୍ର ସହାୟତାରେ ନାରୀ ସୁରକ୍ଷା ସମିତି ଦ୍ୱାରା ସ୍ୱଚ୍ଛତା ହିଁ ସେବା ଅଭିଯାନର ଶେଷ ଦିବସ ଗାନ୍ଧୀ ଜୟନ୍ତୀରେ କତଡ଼ାସ୍ଥିତ ମହିଳା ସମ୍ବଳ କେନ୍ଦ୍ରଠାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ୧୦୦ରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା, ପଞ୍ଚାୟତ ପ୍ରତିନିଧି, ଯୁବକ ସଂଘ ଅଂଶ ଗ୍ରହଣ କରି ସ୍ୱଚ୍ଛତା ଉପରେ ଏକ ଜନସଚେତନତା ଶୋଭାଯାତ୍ରାର ଆୟୋଜନ କରିଥିଲେ। ଏହି ଶୋଭାଯାତ୍ରା କତଡ଼ା, କନ୍ଧକୋରଡ଼ା, ବାଲିସାହି ଓ ଭାବଗ୍ରାହୀପୁର ପରିକ୍ରମା କରିଥିଲା। ଶେଷରେ ପ୍ରକୃତି ବିହାର କତଡ଼ା ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ନେହେରୁ ଯୁବ କେନ୍ଦ୍ର ସଂଯୋଜିକା ମାନିନୀ ଜେନା, କର୍ମୀ ରାମଚନ୍ଦ୍ର ସାହୁ, ପଞ୍ଚାୟତ ପ୍ରତିନିଧି ପାର୍ବତୀ ନାୟକ, ସଙ୍ଗଠନ ସମ୍ପାଦକ ସ୍ମିତାରାଣୀ ପଟ୍ଟନାୟକ, ସଂଯୋଜିକା ଅଞ୍ଜନା ମହାକୁଡ଼, ସୁରେଶ ଓ ବସନ୍ତ ସ୍ୱଚ୍ଛତା ଉପରେ ଅଭିଭାଷଣ ରଖିଥିଲେ। ସ୍କୁଲ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ସ୍ୱଚ୍ଛତା ଉପରେ ଭାଷଣ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଭାବଗ୍ରାହୀପୁର ସ୍କୁଲ ଶିକ୍ଷକ ହୃଦାନନ୍ଦ ସାହୁ ଗାନ୍ଧିଜୀଙ୍କ ଜୀବନୀ ଉପରେ ଅଭିଭାଷଣ ରଖିଥିଲେ। ଇଲାବତୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

---




ଶିବିରରେ ଜଣେ ମହିଳା ରକ୍ତଦାନ କରୁଛନ୍ତି।

## ୪୪ ୟୁନିଟ୍ ରକ୍ତ ସଂଗ୍ରହ

ମାଧପୁର, ୬।୧୦(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ କନ୍ଧପଡା ପଞ୍ଚାୟତ ବେଲାଦୁଲାଠାରେ ମା' ମାଉଳୀ ଯୁବକ ସଂଘ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୪୪ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ଏହି ଶିବିରକୁ ଆଠମଲ୍ଲିକ ତହସିଲଦାର ବାସୁଦେବ ମହାପାତ୍ର, ସହକାରୀ ବନ ସଂରକ୍ଷକ ରାଜେନ୍ଦ୍ର ଗୋଛାୟତ, ମାଧପୁର ରେଞ୍ଜର ସନ୍ତୋଷ ଭୋଇ, ଆଠମଲ୍ଲିକ ଲୋକ ସମ୍ପର୍କ ଅଧିକାରୀ ସର୍ବେଶ୍ୱର ମଲ୍ଲିକ, 'ସମାଧାନ' ର ସମ୍ପାଦକ ବିନୟ ପଟ୍ଟନାୟକ, ବ୍ଲକ ବିଜୁ ଯୁବବାହିନୀର ସଂଯୋଜକ ନିରଞ୍ଜନ ହୋତା ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଆଖପାଖ ଅଞ୍ଚଳର ବହୁ ଯୁବତୀ ଯୁବକ, ବୁଦ୍ଧିଜୀବୀ ରକ୍ତଦାନ କରିଥିଲେ।

---

## କାର୍‌ରେ ନିଆଁ ଲଗାଇଲେ ଦୁର୍ବୃତ୍ତ

ଛେଣ୍ଡିପଦା, ୬।୧୦(ସ୍ୱ.ପ୍ର.)

ଛେଣ୍ଡିପଦା ଥାନା ବାଗଡିଆ ଗ୍ରାମର ମାରୱାଡି ଧର୍ମଶାଳା ନିକଟରେ ସତ୍ୟବ୍ରତ ପ୍ରଧାନଙ୍କ ଗୋଦାମ ଘର ଗ୍ୟାରେଜରେ ଥିବା ଏକ କାର୍ (ଓଆର ୧୯ଏଲ୭୪୧୮)ରେ କେତେକ ଦୁର୍ବୃତ୍ତ ଶୁକ୍ରବାର ବିଳମ୍ବିତ ରାତିରେ ନିଆଁ ଲଗାଇ ଦେଇଛନ୍ତି। ଗାଡ଼ିଟି ପାଟକୁମୁଣ୍ଡା ଗ୍ରାମର ଉମାକାନ୍ତ ପ୍ରଧାନଙ୍କର ବୋଲି ଜଣାପଡ଼ିଛି। ପାଟ୍ରୋଲିଂ ବେଳେ ପୋଲିସ ଗାଡିରେ ନିଆଁ ଲାଗିଥିବା ଦେଖିବାକୁ ପାଇଥିଲା। ଏ ନେଇ କାର୍ ମାଲିକଙ୍କ ସହ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚି ନିଆଁ ଲିଭାଇଥିଲେ। କାର୍‌ଟି ସମ୍ପୂର୍ଣ୍ଣ ଭାବେ ପୋଡ଼ି ଯାଇଛି। ଏ ନେଇ କାର୍ ମାଲିକ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

---

## ଏଲ୍‌ଆଇସି ଅଭିକର୍ତ୍ତାଙ୍କ ସମସ୍ୟା ଉପରେ ଆଲୋକପାତ

ତାଳଚେର,୬।୧୦(ନି.ପ୍ର.)

ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି) ତାଳଚେର ଶାଖା ଅଭିକର୍ତ୍ତା ଫେଡେରେଶନର ୧୬ତମ ସାଧାରଣ ବୈଠକ ସ୍ଥାନୀୟ ଟ୍ରକ ମାଲିକ ସଂଘ ସଭାଗୃହଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଶ୍ରୀମନ୍ତ କୁମାର ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବାଞ୍ଚଳ ଜୋନ୍‌ର ସମ୍ପାଦକ ଜ୍ଞାନ ରଞ୍ଜନ ମହାନ୍ତି, ମୁଖ୍ୟବକ୍ତା ଭାବେ କଟକ ଡିଭିଜନ୍ କାଉନସିଲ୍‌ର ସଭାପତି ସପନ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ତାଳଚେର ଅଭିକର୍ତ୍ତା ସଂଘର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ବିଦ୍ୟୁତ୍ କୁମାର ଘୋଷ ଏବଂ କଟକ ମଣ୍ଡଳ ସମ୍ପାଦକ ଗାଙ୍ଗୁଲି କୁମାର ପଣ୍ଡା, ଢେଙ୍କାନାଳର ସଭାପତି ଉଦୟ କୁମାର ମହାନ୍ତି, ତାଳଚେର ଶାଖା ପରିଚାଳକ ଶରତ ଚନ୍ଦ୍ର ମହାନ୍ତି, ସହଯୋଗୀ ଶାଖା ପରିଚାଳକ ସତ୍ୟନାରାୟଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଥିଲେ। ଅଭିକର୍ତ୍ତାମାନଙ୍କର ସମସ୍ୟା ଏବଂ ଆଗାମୀ ଦିନରେ ବ୍ୟବସାୟ ବୃଦ୍ଧି କରିବା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ବିଗତ ୩ ବର୍ଷ ପରି ତାଳଚେର ଶାଖା ନିର୍ଦ୍ଧାରିତ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ତାଳଚେର ଶାଖା ସମ୍ପାଦକ ଦିନେଶ ଚନ୍ଦ୍ର ମିଶ୍ର ବାର୍ଷିକ ବିବରଣୀ ପାଠ, ଚିତ୍ତରଞ୍ଜନ ପ୍ରଧାନ ମଞ୍ଚ ପରିଚାଳନା ଓ ଉପସଭାପତି ସୁବ୍ରତ କୁମାର କର ଧନ୍ୟବାଦ ଦେଇଥିଲେ। ତାଳଚେର ଶାଖା କୋଷାଧ୍ୟକ୍ଷ ରାମଚନ୍ଦ୍ର ସାହୁ, ମନୋରଞ୍ଜନ ପଣ୍ଡା, କଳ୍ପତରୁ ବାରିକ, କାଳନ୍ଦୀ ଚରଣ ପ୍ରଧାନ, ଗିରୀଶ ଚନ୍ଦ୍ର ସାମଲ, ଧୀରେନ୍ଦ୍ର ଦାସ, ପ୍ରଦୀପ ଦାସ, ଇନ୍ଦ୍ର ମାଧବ ବୀର, ପ୍ରଭାତ ଶତପଥୀ, ଅମରେନ୍ଦ୍ର ଦୋରା, ରମେଶ ଚନ୍ଦ୍ର ପାଣି, ଜିତେନ୍ଦ୍ର କୁମାର ଦାସ, ସୌଭାଗ୍ୟ ବେହେରା, ରୁଚିର ନାଥ, ମଦନ ପ୍ରଧାନ, ଚନ୍ଦ୍ରଶେଖର ପାଣି, ବିପିନ ବିହାରୀ ପ୍ରଧାନ, କଳ୍ପନା ବିଶ୍ୱାଳ, ରୁବିଲତା ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ଅଭିକର୍ତ୍ତା ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

---

## ଜୋର ଧରିଲା ଆନ୍ଦୋଳନ, ଦୋକାନ ବଜାର ବନ୍ଦ

ଛେଣ୍ଡିପଦା,୬।୧୦(ସ୍ୱ.ପ୍ର/ଡି.ଏନ.ଏ.)

ଅନୁଗୋଳ ଜିଲା ଛେଣ୍ଡିପଦା ସ୍ଥିତ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ ମାଇନିଙ୍ଗ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (କାଇମେଟ) ଶିକ୍ଷାନୁଷ୍ଠାନ ବଞ୍ଚାଅ ଆନ୍ଦୋଳନ ସମିତି ପକ୍ଷରୁ ୭ ଦଫା ଦାବିରେ ଚାଲିଥିବା ଆନ୍ଦୋଳନ ଶନିବାର ୫ମ ଦିନରେ ପହଞ୍ଚିଛି। କାଇମେଟ ପରିଚାଳନା ଟ୍ରଷ୍ଟି କିମ୍ବା କୌଣସି ପ୍ରଶାସନିକ ପଦାଧିକାରୀ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ନ ଥିବା ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରତିବାଦରେ ଛେଣ୍ଡିପଦା ଗ୍ରାମ୍ୟ କମିଟି ସଭାପତି ଗୋବର୍ଦ୍ଧନ ନାୟକଙ୍କ ନେତୃତ୍ୱରେ ଆନ୍ଦୋଳନକୁ ବ୍ୟାପକ କରାଯିବା ସହ ଶନିବାର ସମସ୍ତ ଦୋକାନ ବଜାର ବନ୍ଦ କରାଯାଇଛି। ଏହି ଅବସରରେ ସ୍ଥାନୀୟ ପୂର୍ତ୍ତ ବିଭାଗ ବଙ୍ଗଳାଠାରୁ ଏକ ବିରାଟ ରାଲି ଗ୍ରାମ ପରିକ୍ରମା କରିବା ପରେ ତହସିଲ ଅଫିସ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହାକୁ ଛେଣ୍ଡିପଦା ବଣିକ ସଂଘ ସମର୍ଥନ ଜଣାଇଛି। କାଇମେଟ ପରିଚାଳନା ଗତ ଅବ୍ୟବସ୍ଥା ତଥା ମ୍ୟାନେଜମେଣ୍ଟ ଟ୍ରଷ୍ଟିଙ୍କ ଖାମଖିଆଲି ମନୋଭାବ ଯୋଗୁ ବନ୍ଦ ରହିଛି। ୨୦୧୮-୧୯ ଶିକ୍ଷା ବର୍ଷଠାରୁ ଛାତ୍ରୀଛାତ୍ରଙ୍କ ନାମଲେଖା ସାଙ୍ଗକୁ ଶିକ୍ଷାଦାନ ମଧ୍ୟ ବନ୍ଦ ଅଛି। ଏହି ଶିକ୍ଷାନୁଷ୍ଠାନ ନାମରେ ଥିବା ବ୍ୟାଙ୍କ ଜମାଖାତାରେ ପ୍ରାୟ ୨୦ କୋଟିରୁ ଅଧିକ ଟଙ୍କା ରହିଛି । ଏହାକୁ ହଡପ କରିବାକୁ ମ୍ୟାନେଜମେଣ୍ଟ ଟ୍ରଷ୍ଟି ଉଦ୍ୟମ କରୁଥିବା ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି। ଯୁବନେତା ଅଗସ୍ତି ବେହେରା, ନରୋତ୍ତମ ନାଏକ, ଆଇନଜୀବୀ ମଧୁସୂଦନ କର, ଶିଶିର ଗଡନାୟକ, ଦଣ୍ଡଧର ଦେହୁରୀ, କାଳୀଚରଣ ବିଶ୍ୱାଳଙ୍କ ସମେତ କାଇମେଟ କର୍ମଚାରୀ ସଂଘ କର୍ମକର୍ତ୍ତାମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

---

## ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ

ପାଲଲହଡ଼ା, ୬।୧୦(ଡି.ଏନ.ଏ.)

- ୧୨ ଦିନ ଚାଲିବ ପୂଜା, ୫ରେ ଭସାଣି
- ଡିଜେ ସାଉଣ୍ଡ ଉପରେ କଟକଣା

ଆସନ୍ତା ୨୪ ତାରିଖରୁ ଅନୁଷ୍ଠିତ ହେବାକୁ ଥିବା ପାଲଲହଡ଼ାର ପ୍ରସିଦ୍ଧ ଗଣପର୍ବ ଗଜଲକ୍ଷ୍ମୀ ପୂଜା ପାଇଁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ପଞ୍ଚାୟତ ସମିତି ସଭା ଘରଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପାଲଲହଡ଼ାରେ ପୂଜା ଆୟୋଜନ କରୁଥିବା ୯ ଟି ପୂଜା କମିଟିର କର୍ମକର୍ତ୍ତା ଏବଂ କମିଟିଗୁଡିକୁ ପରିଚାଳିତ କରୁଥିବା କେନ୍ଦ୍ରୀୟ ଗଜଲକ୍ଷ୍ମୀ ପୂଜାକମିଟିର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ୧୨ ଦିନ ଧରି ଚାଲିବାକୁ ଥିବା ଏହି ପୂଜା ପାଳନର ସମସ୍ତ ଆୟୋଜନ ଉପରେ ବୈଠକରେ ଆଲୋଚନା ହୋଇଥିଲା। ଉପଜିଲାପାଳ ଅଜିତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ପୂର୍ତ୍ତ ଏବଂ ଅଗ୍ନିଶମ ବିଭାଗର ଅନୁମତିରେ କମିଟିଗୁଡିକ ତୋରଣ ନିର୍ମାଣ କରିବାକୁ କୁହାଯାଇଥିଲା। ଏଥିସହ ଟ୍ରାଫିକ ବ୍ୟବସ୍ଥା ପାଇଁ ପାଲଲହଡା ପୋଲିସକୁ ଦାୟିତ୍ୱ ଦିଆଯାଇଥିଲା। ସେହିପରି ପୂଜା ସମୟରେ ହୋଟେଲଗୁଡିକରେ ବାସି ଖାଦ୍ୟ ବିକ୍ରି ପ୍ରତି ନଜର ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପାଇଁ ବିଭାଗ ଏବଂ ଏନ୍‌ଜେନକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପୂଜା ସମୟରେ ପିଇବା ପାଣି ଏବଂ ପରିମଳ ବ୍ୟବସ୍ଥା ଉପରେ ବିଡିଓ ଏବଂ ନିଜିଗଡ ସରପଞ୍ଚଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସନ୍ଧ୍ୟାରେ ଭାରିଯାନ ଉପରେ କଟକଣା ସହ ୩ଟି ଅସ୍ଥାୟୀ ସାଇକେଲ ଏବଂ ବାଇକ୍ ଷ୍ଟାଣ୍ଡ ନିର୍ମାଣ କରାଯିବା ପାଇଁ ସ୍ଥିର କରାଯାଇଥିଲା । ନଭେମ୍ବର ୫ରେ ଭସାଣି ପାଇଁ ସମସ୍ତ ମେଢ ପୂର୍ବାହ୍ନ ୧୧ ଟା ସୁଦ୍ଧା ସ୍ଥାନୀୟ ଷ୍ଟାଡିୟମରେ ଏକାଠି ହେବେ ଏବଂ ଦିନ ୨ ଟାରୁ ଭସାଣି ଶୋଭାଯାତ୍ରା ଆରମ୍ଭ ହୋଇ ରାତି ୧୦ ଟା ମଧ୍ୟରେ ଶେଷ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଭସାଣିରେ ପ୍ରଶାସନ ପକ୍ଷରୁ ଡିଜେ ସାଉଣ୍ଡ ଉପରେ କଟକଣା ଲଗାଯାଇଛି। ବୈଠକରେ ବ୍ଲକ ଅଧ୍ୟକ୍ଷ ମୁକେଶ କୁମାର ପାଲ, ବିଡିଓ ତ୍ରିବିକ୍ରମ କୁମୁରା, ସହକାରୀ ତହସିଲଦାର ସୁମନ ମିଞ୍ଜ, ସହକାରୀ ଉପଜିଲାପାଳ ବ୍ରୁସିୟସ ଡୁଙ୍ଗ ଡୁଙ୍ଗ, ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ, କେନ୍ଦ୍ରୀୟ ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ଅଶୋକ କମର ପାଣି ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ ।

---

### ଧରିତ୍ରୀର ଢେଙ୍କାନାଳ - ଅନୁଗୋଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଉଦ୍ଧାର

ବଇଣ୍ଡା,୬।୧୦(ଡି.ଏନ.ଏ.)- କିଶୋରନଗର ଥାନା ଧଡ଼ରପାଳ ପଞ୍ଚାୟତ କତଡ଼ା ଗ୍ରାମରେ ନିରଞ୍ଜନ ମିର୍ଦ୍ଧା(୩୫)ଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ପୋଲିସ କହିଛି, ନିରଞ୍ଜନ ଗ୍ରାମସ୍ଥିତ ନାଳରୁ କିଛିଦିନ ପୂର୍ବରୁ ଏକ ମାଛ ଜାଲ ନେଇ ଆସିଥିଲେ। ନିରଞ୍ଜନ ଜାଲ ଚୋରି କରି ନେଇଯାଇଥିବା ଅଭିଯୋଗ କରି ସେହି ଗ୍ରାମର ୨ ଜଣ ମହିଳା ଓ ଜଣେ ପୁରୁଷ ତାଙ୍କୁ ମାଡ଼ ମାରିଥିଲେ। ଏଥିସହିତ ପୂର୍ବରୁ ଚୋରି ହୋଇଥିବା ସମସ୍ତ ଜାଲଗୁଡ଼ିକୁ ଫେରାଇବା ସେମାନେ ନିରଞ୍ଜନଙ୍କୁ କହିଥିଲେ। ଏହାକୁ ନେଇ ନିରଞ୍ଜନ ମାନସିକ ଭାରସାମ୍ୟ ହରାଇ ଘରେ କେହି ନ ଥିବାବେଳେ ଶୁକ୍ରବାର ଆତ୍ମହତ୍ୟା କରିଥିବା ପୋଲିସ ସୂତ୍ରରୁ ପ୍ରକାଶ।

### ପୋଖରୀରେ ବୁଡ଼ି ଛାତ୍ର ମୃତ

ବଇଣ୍ଡା,୬।୧୦(ଡି.ଏନ.ଏ.)- କିଶୋରନଗର ଥାନା ପୁରୁଣାପାଣି ଗ୍ରାମର ବରୁଣ ବେହେରାଙ୍କ ପୁଅ ରଞ୍ଜିତ ବେହେରା(୮) ଶନିବାର ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ପୋଲିସ ତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଘଟଣାରୁ ପ୍ରକାଶ, ରଞ୍ଜିତ ତାଙ୍କ ମାମୁ ଘର ରେଙ୍ଗାଲିବେଡ଼ା ଗ୍ରାମରେ ରହି ପାଠ ପଢୁଥିଲେ। ଅପରାହ୍ନରେ ତାଙ୍କ ମାମୁଙ୍କ ପୁଅ ସହିତ ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ବୁଡ଼ି ଯାଇଥିଲେ। ଏ ନେଇ ତାଙ୍କ ମାମୁ ପୁଅ ଗ୍ରାମରେ ଜଣାଇଥିଲେ। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପୋଖରୀରୁ ରଞ୍ଜିତଙ୍କ ମୃତଦେହ ଉଦ୍ଧାର କରିଥିଲେ।

### ଏସ୍‌ଆଇଏସ୍ ପକ୍ଷରୁ ନିଯୁକ୍ତି ମେଳା

**ଛେଣ୍ଡିପଦା, ୬।୧୦(ସ୍ୱ.ପ୍ର.)-** ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ସଭାଗୃହରେ ଗୁରୁବାର ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ସିକ୍ୟୁରିଟି ସଂସ୍ଥା ଏସ୍‌ଆଇଏସ୍, ଜିଲା ନିଯୁକ୍ତି କାର୍ଯ୍ୟାଳୟ ଏବଂ ଓଡ଼ିଶା ଜୀବିକା ମିଶନର ମିଳିତ ଆନୁକୂଲ୍ୟରେ ଏହି ମେଳାର ଆୟୋଜନ କରାଯାଇଥିଲା। ବ୍ଲକର ୯୩ ଯୁବତୀଯୁବକ ଏଥିରେ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୭୦ ଜଣ ଶାରୀରିକ ଏବଂ ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡିଛି। ଯୋଗ୍ୟତା ଭିତ୍ତିରେ ସେମାନଙ୍କୁ ନିଯୁକ୍ତି ପ୍ରଦାନ କରାଯିବ ବୋଲି ଏସ୍‌ଆଇଏସ୍ ଅଧିକାରୀ ରାକେଶ କୁମାର ଦାସ ସୂଚନା ଦେଇଛନ୍ତି। ଛେଣ୍ଡିପଦା ଜୀବିକା ମିଶନର ବ୍ଲକ ସଂଯୋଜିକା ମାନସୀ ରାଉତ, ସଂଯୋଜକ ସଞ୍ଜୟ କୁମାର ସାହୁ ଏବଂ ଏସ୍‌ଆଇଏସ୍ ସିକ୍ୟୁରିଟି ସଂସ୍ଥାର ସହଯୋଗୀ କର୍ମଚାରୀ ରଞ୍ଜନ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

### ବଅଁରପାଳ କଲେଜରେ ଜୋରଦାର ପ୍ରଚାର

ବଅଁରପାଳ,୬।୧୦(ଡି.ଏନ.ଏ.): ବଅଁରପାଳ କଲେଜରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବା ଏଥିଯୋଗୁ ପ୍ରାର୍ଥୀମାନେ ଜୋରଦାର ପ୍ରଚାର ଚଳାଇଛନ୍ତି। ନିଜ ସମର୍ଥିତ ପ୍ରାର୍ଥୀଙ୍କୁ ବିଜୟୀ କରିବା ଲାଗି ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଉଦ୍ୟମ କରାଯାଉଛି। ଭୋଟରମାନଙ୍କୁ ପ୍ରଭାବିତ କରିବା ଲାଗି ଛାତ୍ରନେତାମାନେ ବ୍ୟାନର, ପୋଷ୍ଟରରେ କଲେଜ ଅଞ୍ଚଳକୁ ଛାଉଣୀ କରି ଦେଇଛନ୍ତି।

### ଭାଜପାର ପଥପ୍ରାନ୍ତ ସଭା

ବଇଣ୍ଡା, ୬।୧୦(ଡି.ଏନ.ଏ.) ଆଠମଲ୍ଲିକ ବ୍ଲକ ଠାକୁରଗଡ ଗ୍ରାମରେ ଭାଜପା ପକ୍ଷରୁ ଶୁକ୍ରବାର ଜନ ଜାଗରଣ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଭାଜପା ସଭାପତି ଭାଗୀରଥି ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, କେନ୍ଦ୍ର ସରକାରଙ୍କ ଯୋଜନା ଗୁଡିକୁ ରାଜ୍ୟ ସରକାର ଠିକ୍ ଭାବେ ପ୍ରଚଳନ କରୁନାହାନ୍ତି। ସାଧାରଣ ଲୋକଙ୍କ ପାଇଁ କେନ୍ଦ୍ର ସରକାର କରିଥିବା ଆୟୁଷ୍ମାନ ସ୍ୱାସ୍ଥ୍ୟ ଯୋଜନାକୁ ଓଡ଼ିଶା ସରକାର ଗ୍ରହଣ କରିନାହାନ୍ତି। ଏଥିଯୋଗୁ ରାଜ୍ୟବାସୀ ଏହି ଯୋଜନାରେ ଉପକୃତ ହେବାରୁ ବଞ୍ଚିତ ହେବେ ବୋଲି ସେ ଅଭିଯୋଗ କରିଥିଲେ। ଏହି ଅବସରରେ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଡ. ଅଲେଖ ପ୍ରଧାନ, ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଅମୀୟ କୁମାର ତ୍ରିପାଠୀ, ପର୍ଯ୍ୟବେକ୍ଷକ କେଶବ ମହାନ୍ତି, ଅର୍ଜୁନ ସାହୁ, ସୁଜିତ ଦେହୁରୀ, ରବୀନ୍ଦ୍ର ବେହେରାଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

---

**■ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅନୁଗୋଳ ଗସ୍ତ**

# ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ନେଇ ସମୀକ୍ଷା

**ଅନୁଗୋଳ ଅଫିସ, ୬।୧୦**

ଅନୁଗୋଳ ଜିଲା ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଶନିବାର ଅନୁଗୋଳ ଗସ୍ତରେ ଆସି ସ୍ଥାନୀୟ ସର୍କିଟ ହାଉସ ସମ୍ମିଳନୀ ଗୃହରେ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ନେଇ

> **■ମମତାରୁ ଉପକୃତ ହୋଇଛନ୍ତି ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା**
> **■୬୯୦୬ରୁ ନିର୍ମାଣ ହୋଇଛି ୧୫୭୫ ପକ୍କା ଘର**


ତାଳଚେରରେ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସହ ଜିଲାସ୍ତରୀୟ ଅଧିକାରୀମାନେ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ସମୀକ୍ଷା କରିଛନ୍ତି। ୨୦୧୧ରେ ଗର୍ଭବତୀ ଓ ସେମାନଙ୍କ ଜନ୍ମିତ ସନ୍ତାନଙ୍କ ନିମନ୍ତେ ମମତା ଯୋଜନାର କାର୍ଯ୍ୟକାରିତାର ସମୀକ୍ଷା କରିଥିଲେ। ଜିଲାରେ ୧ ଲକ୍ଷ ୬୩ ହଜାର ୯୫୯ ଜଣ ମହିଳା ଏହି ଯୋଜନାରେ ଉପକୃତ ହୋଇଥିବା ସମୀକ୍ଷା ବୈଠକରେ ସୂଚନା ଦିଆଯାଇଥିଲା। ୨୦୧୦-୧୧ରୁ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା କ୍ଲଷ୍ଟର ବୋରୱେଲ ମାଧ୍ୟମରେ ଚାଷୀମାନେ ଜଳସେଚନର ସୁବିଧା ପାଉଛନ୍ତି କି ନା ସେ ସମ୍ପର୍କରେ ସଚିବ ଅବଗତ ହୋଇଥିଲେ। ଜିଲାରେ ୨୭୫୯ ଟି କ୍ଲଷ୍ଟର ବୋରୱେଲ ଥିବାବେଳେ, ୭୫୮ଟି ଉଠା ଜଳସେଚନ ପଏଣ୍ଟ ମଧ୍ୟରୁ ୬୬୨ଟି କାର୍ଯ୍ୟକ୍ଷମ ହେଉଥିବା ସମ୍ପର୍କରେ ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଚଳିତ ବର୍ଷ ୬୯୦୬ଟି ଗୃହ ନିର୍ମାଣର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୧୫୭୫ଟି ଗୃହ କାର୍ଯ୍ୟ ଶେଷ ହୋଇଥିବା ବୈଠକରୁ ଜଣାପଡିଛି। ଜିଲାରେ ୮ଟି ଆଦର୍ଶ ବିଦ୍ୟାଳୟ ମଧ୍ୟରୁ କାର୍ଯ୍ୟକ୍ଷମ ହୋଇଥିବା ୩ଟି ବିଦ୍ୟାଳୟର ପରିଚାଳନା ସହ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା, ଗ୍ରାମୀଣ ବିଦ୍ୟୁତୀକରଣ, ଜାତୀୟ ଖାଦ୍ୟ ନିରାପତ୍ତା ଆଦି ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଜିଲାପାଳ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ୧୨ ଶହ କୋଟି ଟଙ୍କାରେ ଜିଲାରେ ପାନୀୟ ଜଳ ଯୋଗାଣ ନିମନ୍ତେ ମେଗା ପାଇପ ଜଳ ଯୋଗାଣ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବ ବୋଲି ପ୍ରକାଶ କରିଥିଲେ। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଶିବ ପ୍ରସାଦ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ୱାସ୍ଥ୍ୟସେବା ଅନୁଧ୍ୟାନ କଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ

ତାଳଚେର, ୬।୧୦(ନି.ପ୍ର.)- ପୂର୍ବାହ୍ନରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ତାଳଚେର ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ, ଯୋଜନାର କାର୍ଯ୍ୟକାରିତା ଅନୁଧ୍ୟାନ କରିବା ସହ ଚିକିତ୍ସାଳୟ, ଔଷଧ ବିତରଣ କେନ୍ଦ୍ର, ଅଙ୍ଗନୱାଡି କେନ୍ଦ୍ର ଆଦି ପରିଦର୍ଶନ କରିଥିଲେ। ସଚିବ ଜିଲାପାଳ ଅନିଲ କୁମାର ସାମଲଙ୍କ ସହ ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସଚିବ ପ୍ରଥମେ ମଣ୍ଡାପାଳ ସ୍ଥିତ ଉପଖଣ୍ଡ ଚିକିତ୍ସାଳୟକୁ ଯାଇ ନିରାମୟ ଯୋଜନା, ଜିଲା ଖଣିଜ ପାଣ୍ଠିରୁ କ୍ରୟ ହୋଇଥିବା ଯନ୍ତ୍ରପାତି, ଶବ ବ୍ୟବଚ୍ଛେଦ ଗୃହ ଆଦି ବୁଲି ଦେଖିବା ସହ ସ୍ୱାସ୍ଥ୍ୟସେବା ବିଷୟରେ ଚିକିତ୍ସାଳୟର ମୁଖ୍ୟ ଡା. ଅଶୋକ କୁମାର ଧରଙ୍କୁ ପଚାରି ବୁଝିଥିଲେ। ପରେ ବାଙ୍କଧରା ଦେଇ ଦୁଲ୍ଲଭପୁର ସବଷ୍ଟେଶନ, କଣ୍ଠାଳ-୩, ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଥିଲେ। କଣ୍ଠାଳଠାରେ ସୌର ଜଳ ଯୋଗାଣ ବ୍ୟବସ୍ଥା ଦେଖିବା ସହ ସୁଲଭ ଖୁଚୁରା ବିକ୍ରୟ କେନ୍ଦ୍ର ଯାଇ ସାଧାରଣ ବଣ୍ଟନ ବ୍ୟବସ୍ଥା ବିଷୟରେ ଅବଗତ ହୋଇଥିଲେ। ପରେ ସାଉଥବଲଣ୍ଡାସ୍ଥିତ ଚଢେଇହଟିଂଠାରେ ଜଳ ଯୋଗାଣ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ଏହି ଗସ୍ତ ସମୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ ଚମ୍ପତିରାୟ, ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ତହସିଲଦାର ସାଫଲ୍ୟ ମଣ୍ଡିତ ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନେତ୍ରାନନ୍ଦ ମଲ୍ଲିକ, ଜିଲା ମଙ୍ଗଳ ଅଧିକାରୀ ସର୍ବେଶ୍ୱର ସାହୁ, ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

---

**■ବିନା ଟେଣ୍ଡରରେ କାର୍ଯ୍ୟାଦେଶ ଅଭିଯୋଗ ଘଟଣା**

# ୱାର୍କ ଅର୍ଡର ବାତିଲ କଲେ ବିଡିଓ

**ପାଲଲହଡା,୬।୧୦(ଡି.ଏନ.ଏ.)**

ଅନୁଗୋଳ ଜିଲା ପାଲଲହଡା ବ୍ଲକ ବନ୍ଧାଭୂଇଁ ପଞ୍ଚାୟତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପାଇଁ ଆସିଥିବା ୧୫ ଲକ୍ଷ ଟଙ୍କାର କାମକୁ ବିନା ଟେଣ୍ଡରରେ ୱାର୍କ ଅର୍ଡର ବାହାର କରି ପାଲଲହଡା ବିଡ଼ିଓ ତ୍ରିବିକ୍ରମ କୁମୁରା ସେହି ଅଞ୍ଚଳର ଜଣେ ସମିତି ସଭ୍ୟାଙ୍କ ସ୍ୱାମୀଙ୍କୁ କାମ ପ୍ରଦାନ କରିଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ 'ଧରିତ୍ରୀ'ରେ ଅଗଷ୍ଟ ୨୦ ତାରିଖରେ ଖବର ପ୍ରକାଶନ ପରେ ବିଡିଓ ଉକ୍ତ ୱାର୍କଅର୍ଡରକୁ ବାତିଲ କରିଛନ୍ତି। ପଞ୍ଚାୟତ ସମିତି ପତ୍ର ସଂଖ୍ୟା ୨୦୪୫ ତା ୩।୧୦।୨୦୧୮ରେ ଏହି ୱାର୍କ ଅର୍ଡର ଗତ ସେପ୍ଟେମ୍ବର ୨୦ ତାରିଖରୁ ଖାରଜ ହୋଇଥିବା ନେଇ ଜିଲାପାଳଙ୍କୁ ବିଡିଓ ଜଣାଇଛନ୍ତି।

ଅଭିଯୋଗ ଅନୁଯାୟୀ, ଗତ ୨୦୧୭-୧୮ ଆର୍ଥିକ ବର୍ଷରେ ଅନୁସୂଚିତ ଜାତି ଏବଂ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ଉକ୍ତ ବିଦ୍ୟାଳୟରେ ରୋଷେଇ ଏବଂ ଡାଇନିଂ ହଲ ନିର୍ମାଣ ପାଇଁ ୧୫ ଲକ୍ଷ ଟଙ୍କା ଆସିଥିଲା। ଏହି କାମ ପାଇଁ ବିଡିଓ ଟେଣ୍ଡର ଡାକିବା କଥା। ହେଲେ ବିଡିଓ ଡିପାର୍ଟମେଣ୍ଟାଲ ନାଁରେ ନଂ. ୦୪/୧୭-୧୮ରେ ଏକ ୱାର୍କ ଅର୍ଡର ଖୋଲି ସେହି


PANCHAYAT SAMITI OFFICE, PALLAHARA
NO 2045 /DT. 3-10-2018
To
The Collector, Angul.
Sub: Submission of compliance to Press Clipping on 02.10.18 in case of " Construction of Kitchen-cum- Dining Hall at Bandhabhuin Kanya Ashram, Jamardihi ".
Sir,
I am to bring your kind information that, the project "Construction of Kitchen-cum- Dining Hall at Bandhabhuin Kanya Ashram, Jamardihi " with an estimated cost of Rs.15.00 lakh under SSD grant was sanctioned by the competent authority. Soon after preparation of estimate and approval by the competent authorities the work order vide No.4 Dt.30.3.18 was issued to Sri Rabindranath Tudu, J.E. to execute the work departmentally. But in view of some unavoidable circumstances, the work order was cancelled on 20.08.18 issued to Sri Tudu, J.E.
So far execution of work is concern, the undersigned came to know that, one Sri Pradeep Ku. Pradhan has forcevely started the work with malafide intension. Since the work order has already been cancelled, the claim of Sri Pradhan cannot be considered. The steps are being taken for execution of the work through tender process as per guideline.
Yours faithfully,
Block Development Officer
Pallahara
Memo No. 2046 /Dt. 3-10-2018
Copy submitted to the Project Director, DRDA, Angul for kind information
Block Development Officer
Pallahara

ଅଞ୍ଚଳର ଜଣେ ସମିତି ସଭ୍ୟଙ୍କ ସ୍ୱାମୀଙ୍କୁ ଦେଇଥିଲେ। ଏ ନେଇ ପାଲଲହଡାରେ ଅନୁଷ୍ଠିତ ଜିଲାପାଳଙ୍କ ଜଣଶୁଣାଣି କାର୍ଯ୍ୟକ୍ରମରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ ଚମ୍ପତିରାୟ ସେହି କାମକୁ ନୂତନ ଭାବେ ଟେଣ୍ଡର ପ୍ରକ୍ରିୟାରେ ସାମିଲ କରି କାମ ବଣ୍ଟନ କରିବା ପାଇଁ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ କିଛି ଦିନ କାମ ବନ୍ଦ ରହିବା ପରେ ସେହି କାମକୁ ସମ୍ପୃକ୍ତା ସମିତି ସଭ୍ୟାଙ୍କ ସ୍ୱାମୀ ପୁଣି ଆରମ୍ଭ କରିଥିବା ନେଇ ମଧ୍ୟ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଆହୁରି ମଧ୍ୟ ଏହି କାମ ପାଇଁ ଗତ ୩୦।୩।୨୦୧୮ରୁ ବ୍ଲକର ପୂର୍ବତନ କନିଷ୍ଠ ଯନ୍ତ୍ରୀ ଆର.ଏନ ଟୁଡୁଙ୍କ ନାଁରେ ୱାର୍କ ଅର୍ଡ଼ର ବାହାରି ଥିଲେ ଏ ବାବଦରେ ଯନ୍ତ୍ରୀ ଜାଣି ନ ଥିବା କହିଥିଲେ।

# ତୈଳରୁ ଭାଟ ପ୍ରତ୍ୟାହାର ଦାବି

**ଅନୁଗୋଳ ଅଫିସ, ୬।୧୦**

ରାଜ୍ୟ ସରକାର ପେଟ୍ରୋଲ, ଡିଜେଲ ଉପରୁ ଭାଟ ପ୍ରତ୍ୟାହାର ପାଇଁ ଅନୁଗୋଳ ବିଧାନସଭା ଭାଜପା ପକ୍ଷରୁ ଦାବି ହୋଇଛି। ଏ ନେଇ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମିନକେତନ ଅମାନ୍ତଙ୍କ ନେତୃତ୍ୱରେ ଥାନା ଛକଠାରୁ ଏକ ରାଲି ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିବା ପରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ଓବିସି ମୋର୍ଚ୍ଚା ସଭାପତି ଦିଲ୍ଲୀପ ପ୍ରଧାନ, ରୋଜାଲିନ ଦାସ, ନଗର ସଭାନେତ୍ରୀ ନମିତା ଦଳ ବେହେରା, ସୁଷମା ବେହେରା, ଅଞ୍ଜଳି ଦାସ, ବସନ୍ତ ମଞ୍ଜରି ପ୍ରଧାନ, ସରିତା ମିଶ୍ର, କଳ୍ପନା ଦଳବେହେରା, ମଞ୍ଜୁଲତା ସାହୁ, ମମତା ମହାପାତ୍ର, ସନ୍ତୋଷ ଗୌଡ଼, ନାସିର ବିବି ପ୍ରଦୀପ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

---

# ପ୍ରତିଭା ବିକାଶରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ


ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଙ୍କ ସହ ଉପସ୍ଥିତ ଛାତ୍ରୀଛାତ୍ରମାନେ।

**ବଇଣ୍ଡା,୬।୧୦(ଡି.ଏନ.ଏ.)**

କିଶୋରନଗର ବ୍ଲକ ବାମୁର ସ୍ଥିତ ଯୁବ ଜ୍ୟୋତି ଉଚ୍ଚ ବିଦ୍ୟାଳୟରେ ଶନିବାର ବ୍ଲକସ୍ତରୀୟ ସୁରଭି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଆରସିସି ଯୁଗଳ କିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କିଶୋରନଗର ବିଡିଓ ଅମୃତା ପ୍ରିୟମ୍ବଦା ଯୋଗଦେଇ କହିଲେ, ଶିଶୁମାନଙ୍କ ପ୍ରତିଭାର ବିକାଶ ଦିଗରେ ଶିକ୍ଷକ ସମାଜର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ। ଅନ୍ୟତମ ଅତିଥି ଭାବେ ଯୁବ ଜ୍ୟୋତି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୃଷୀକେଶ ପ୍ରଧାନ ଉପସ୍ଥିତ ଥିଲେ। ଖଣ୍ଡହତା ପ୍ରୋଜେକ୍ଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ହରିବନ୍ଧୁ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ୧୭ଟି କ୍ଲଷ୍ଟରର ୩୩୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସଙ୍ଗୀତ, ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

# ନିଶାକୁ ନା ପାଇଁ ଶପଥ

**ତାଳଚେର,୬।୧୦(ନି.ପ୍ର)**

ତାଳଚେର ପୌର ପରିଷଦର ଜାମୁବଣିଆ ସାହିସ୍ଥିତ ପାଟରାସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ୩ ନମ୍ବର ବିଜୁ ଯୁବ ବାହିନୀ ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ 'ନିଶାକୁ ନା' ଅନୁଷ୍ଠିତ ହୋଇଯାଇଛି। ପୌର ପରିଷଦ ନୋଡାଲ ଅଫିସର ଗୁଣନିଧି ସ୍ୱାଇଁ ଓ ଗୋଷ୍ଠୀ ସଙ୍ଗଠିକା ସଙ୍ଗୀତା ମହାପାତ୍ର ଅତିଥି ଭାବେ ଯୋଗ ଦେଇ ବିଜୁ ଯୁବ ବାହିନୀର ସଦସ୍ୟ ଓ ଛାତ୍ରୀଛାତ୍ରମାନଙ୍କୁ ନିଶା ନିବାରଣ ଉପରେ ସଚେତନ କରିଥିଲେ। ସଭାପତି ମନୋଜ ଭୂତିଆ ନିଶାକୁ ନା ପାଇଁ ଶପଥ କରାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ମିଶ୍ରଙ୍କ ଦ୍ୱାରା ଗାନ୍ଧିଜୀଙ୍କ ଉପରେ ଛାତ୍ରଛାତ୍ରୀମାନେ ନାଟକ ପରିବେଷଣ କରିଥିଲେ। ଯୁବ ବାହିନୀ ସଂଯୋଜକ ସନ୍ତୋଷ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରେମାନନ୍ଦ ଭୂତିଆ, ସଞ୍ଜୟ ଘଟୁଆରୀ, ସୁନୀଲ ଭୂତିଆ, ସୁଜିତ ଭୂତିଆ, ଚନ୍ଦନ ଭୂତିଆ, ରାଉଳ ଭୂତିଆ, ବାଙ୍କ ଭୂତିଆ, ସିପୁ ସାହୁ, ଅଶ୍ୱିନୀ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଲଳିତ ବଲ୍ଲଭ ରାଉତ ଓ ଦେବବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

# ପଦୋନ୍ନତି ସହ ୩୧ ଡାକ୍ତରଙ୍କ ଅଦଳବଦଳ

**ଅନୁଗୋଳ ଅଫିସ, ୬।୧୦**

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଶନିବାର ୫୪୫ ଜଣ ଡାକ୍ତରଙ୍କ ପଦୋନ୍ନତି ଓ ବଦଳି କରାଯାଇଛି। ଏହି ତାଲିକାରେ ଅନୁଗୋଳ ଜିଲାରୁ ବଦଳି ହୋଇଥିବା ଓ ଅନୁଗୋଳ ଜିଲାରେ ପଦୋନ୍ନତି ପାଇଥିବା ଡ଼ାକ୍ତରଙ୍କ ସଂଖ୍ୟା ୩୧ ବୋଲି ଜଣାପଡ଼ିଛି।

ଜିଲା ମୁଖ୍ୟ ଚିକିତ୍ସାଳୟରେ ଡିଟିଓ ଭାବେ କାର୍ଯ୍ୟ କରୁଥିବା ଯକ୍ଷ୍ମା ଡାକ୍ତର ତ୍ରିଲୋଚନ ପ୍ରଧାନଙ୍କୁ ଅନୁଗୋଳ ଏଡିପିଏଚ୍‌ଓ ପଦବୀକୁ ପଦୋନ୍ନତି କରାଯାଇଛି। ଆଠମଲ୍ଲିକରୁ ରବୀନ୍ଦ୍ର କୁମାର ସାଥୁଆ ମହାପାତ୍ରଙ୍କୁ ଏସ୍‌ଡ଼ିଏଚ୍ ଭାବେ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ବଦଳି କରାଯାଇଛି। ପାଲଲହଡ଼ାରୁ ସୁଶାନ୍ତ କୁମାର ଗଡ଼ନାୟକଙ୍କୁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟ, ତାଳଚେରରୁ ଅଶୋକ କୁମାର କରଙ୍କୁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟ, ରାଜ କିଶୋରନଗରରୁ ଲକ୍ଷ୍ମଣ କୁମାରଙ୍କୁ କଟକ ଏସିବି ମେଡ଼ିକାଲ, ଖମାରରୁ ଅନନ୍ତ କୁମାର ବେହେରାଙ୍କୁ ସମ୍ବଲପୁର ବଦଳି କରାଯାଇଛି। ଆଠମଲ୍ଲିକର ସୁନିଲ କୁମାର ପଣ୍ଡାଙ୍କୁ ଆଠମଲ୍ଲିକରେ ପଦୋନ୍ନତି ମିଳିଛି। ଟିଟିଲାଗଡ଼ର ସୁଜାତା ଦାସଙ୍କୁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ବଦଳି କରାଯାଇଛି। ତାଳଚେରର ପୂର୍ଣ୍ଣିମାଙ୍କୁ ଭୁବନେଶ୍ୱର ଡିଏଫ୍‌ଡ଼ବ୍ଲ୍ୟୁକୁ ବଦଳି କରାଯାଇଛି। ମୟୂରଭଞ୍ଜର ରବୀନ୍ଦ୍ର ନାଥ ପାତ୍ରଙ୍କୁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ବଦଳି କରାଯାଇଛି। ଅନୁଗୋଳର ପ୍ରତିଭା ପ୍ରଧାନଙ୍କୁ ଭୁବନେଶ୍ୱର ଡିଏଫ୍‌ଡ଼ବ୍ଲ୍ୟୁକୁ ବଦଳି କରାଯାଇଛି। ପାଲଲହଡ଼ାର ଲକ୍ଷ୍ମୀକାନ୍ତ ମହନ୍ତଙ୍କୁ ମୟୂରଭଞ୍ଜ ମୁଖ୍ୟ ଚିକିତ୍ସାଳୟ, ଅନୁଗୋଳ ମୁଖ୍ୟ ଚିକିତ୍ସାଳୟର ସଞ୍ଜୁଲତା ଶତପଥୀଙ୍କୁ ଭୁବନେଶ୍ୱର ଡିଏଚ୍‌ଏସ୍‌କୁ ବଦଳି କରାଯାଇଛି। ଅନୁଗୋଳର ମାନସ ରଞ୍ଜନ ବିଶ୍ୱାଳଙ୍କୁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟରେ ପଦୋନ୍ନତି ମିଳିଛି। କେନ୍ଦୁଝରର ଚୈତନ୍ୟ ମାରାଣ୍ଡିକୁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ବଦଳି କରାଯାଇଛି। ଅନୁଗୋଳ ମୁଖ୍ୟ ଚିକିତ୍ସାଳୟର ନନ୍ଦକିଶୋର ସାହୁଙ୍କୁ ଅନୁଗୋଳ ମେଡ଼ିକାଲରେ ପଦୋନ୍ନତି ମିଳିଛି। ସୁନ୍ଦରଗଡ଼ରୁ ସୁସ୍ମିତା ସାହୁଙ୍କୁ ତାଳଚେର ମେଡ଼ିକାଲ, ମୟୂରଭଞ୍ଜର ନାରାୟଣ ବେହେରାଙ୍କୁ ପାଲଲହଡ଼ା ମେଡ଼ିକାଲ, ବଅଁରପାଳର ରାମକୃଷ୍ଣ ଶତପଥୀଙ୍କୁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟ, ଅନୁଗୋଳର ଅମିତା ମୁଣ୍ଡାଙ୍କୁ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲ, ତାଳଚେରର ପରମେଶ୍ୱର ଜେନାଙ୍କୁ ଦେବଗଡ଼ ମୁଖ୍ୟ ଚିକିତ୍ସାଳୟ, ତାଳଚେରର ତରୁଣ କୁମାର ସାହୁଙ୍କୁ ଦେବଗଡ଼ ମୁଖ୍ୟ ଚିକିତ୍ସାଳୟ, କଟକ ସିଟି ମେଡ଼ିକାଲର ସୁରମା ସାଁକୁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ବଦଳି କରାଯାଇଛି। ଅନୁଗୋଳର ବିଶ୍ୱଜିତ ସାମଲଙ୍କ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟରେ ପଦୋନ୍ନତି କରାଯାଇଛି। ସେହିପରି ରାଉରକେଲାର ସର୍ମିଳା ତ୍ରିପାଠୀକୁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟ, ଆଠମଲ୍ଲିକର ପୂର୍ଣ୍ଣଚନ୍ଦ୍ର ମାଝିଙ୍କୁ ସୁନ୍ଦରଗଡ଼ ମୁଖ୍ୟ ଚିକିତ୍ସାଳୟ, ଛେଣ୍ଡିପଦାର ପ୍ରଦୀପ କୁମାର ଧରଙ୍କୁ ସୋନପୁର ମୁଖ୍ୟ ଚିକିତ୍ସାଳୟ, ଅନୁଗୋଳର ସ୍ୱରୂପ ରଞ୍ଜନ ସାହୁଙ୍କୁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟ, ଅନୁଗୋଳର ଅଞ୍ଜନା ପୃଷ୍ଟିଙ୍କୁ କନ୍ଧମାଳ ମୁଖ୍ୟ ଚିକିତ୍ସାଳୟ ଏବଂ ବରଗଡ଼ର ପ୍ରଭାତ ନାରାୟଣ ତ୍ରିପାଠୀଙ୍କୁ ଆଠମଲ୍ଲିକକୁ ବଦଳି କରାଯାଇଛି।

---

# ଗ୍ୟାସ ବ୍ୟବହାର ପ୍ରଶିକ୍ଷଣ ଶିବିର

**ବଇଣ୍ଡା,୬।୧୦(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଗାଁ ବଇଣ୍ଡା ପଞ୍ଚାୟତ ବଡ଼ହୁଲା ଗ୍ରାମରେ ଜନସେବା କେନ୍ଦ୍ର ଆନୁକୂଲ୍ୟରେ ଗ୍ୟାସ ବ୍ୟବହାର ସମ୍ପର୍କରେ ଏକ ପ୍ରଶିକ୍ଷଣ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ୧୩ ନଂ. ଜୋନର ଜିଲା ପରିଷଦ ସଦସ୍ୟା ଜୟନ୍ତୀ ପ୍ରଧାନ ଯୋଗଦେଇ ମହିଳାମାନେ କିଭଳି ସୁରକ୍ଷିତ ଭାବେ ଗ୍ୟାସ ବ୍ୟବହାର କରିପାରିବେ ସେ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗାଁ ବଇଣ୍ଡା ପଞ୍ଚାୟତ ସରପଞ୍ଚ ମାନସ ସାହୁ, ସମିତି ସଭ୍ୟା ପ୍ରତିମା ସ୍ୱାଇଁ, ଅଜିତ୍ ମିଶ୍ର, ଆଶୁତୋଷ ସାହାଣୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଉଜ୍ଜ୍ୱଳା ଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସନ୍ତୋଷ କୁମାର ସାହୁ ପରିଚାଳନା କରିଥିଲେ। ଗାଁ ବଇଣ୍ଡା, ହୁଣ୍ଡି, ବଡ଼ହୁଲା, ସୋଲଣ୍ଡା ଆଦି ଅଞ୍ଚଳର ୩୦୦ରୁ ଊର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ। ଏହି ଅବସରରେ ସେମାନଙ୍କୁ ବୀମା ପରିଚୟ ପତ୍ର ପ୍ରଦାନ କରାଯାଇଥିଲା।


ଶିବିରରେ ଯୋଗ ଦେଇଥିବା ମହିଳାମାନେ।

# ନୂଆମୌଜାରେ ଜନସମ୍ପର୍କ ପଦଯାତ୍ରା

**ଅନୁଗୋଳ ଅଫିସ, ୬।୧୦**

ଅନୁଗୋଳ ବ୍ଲକ ନୂଆମୌଜା ପଞ୍ଚାୟତରେ ଶନିବାର ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି ପଦଯାତ୍ରା ନୂଆମୌଜା ପଞ୍ଚଖଣ୍ଡା ପିଢ ନିକଟରୁ ବାହାରି ନୂଆମଉଜା, ପଞ୍ଚମହଲା ଓ ଟିପିରିସିଂହା ଗାଁ ପରିକ୍ରମା କରିଥିଲା। ଏହି ଅବସରରେ ନବୀନ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ପରେ ପଞ୍ଚମହଲା ଆମ୍ବତୋଟା ଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ଢେଙ୍କାନାଳ-ଅନୁଗୋଳ ଏମ୍‌ପି ତଥାଗତ ସତପଥୀଙ୍କ ଜିଲା ପ୍ରତିନିଧି ଭକ୍ତି ପ୍ରସାଦ ଦାସ, ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ପ୍ରଶାନ୍ତ ନାୟକ,


ପଦଯାତ୍ରାରେ ସାମିଲ ହୋଇଥିବା ବିଜେଡି କାର୍ଯ୍ୟକର୍ତ୍ତାମାନେ।

ଅନୁଗୋଳ ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ଦେହୁରୀ, ବିଜେଡି ନେତା ଭାଗୀରଥି ମାଝି, ଜିଲା ଯୁବ ବିଜେଡି ସଭାପତି ଦିନେଶ ପ୍ରଧାନ, ସମ୍ପାଦକ ଉତ୍ତମ ପ୍ରଧାନ, ଜିତେନ୍ଦ୍ର ବେହେରା, ଅନୁଗୋଳ ବ୍ଲକ ସରପଞ୍ଚ ସଂଘ ସଭାପତି କନ୍ଦର୍ପ ମହାରଣା, ସମ୍ପାଦକ ଅଶୋକ ସାହୁ, ଯୁବ ବାହିନୀ ସଭାପତି କେଦାର ପ୍ରଧାନ, ଯୁବ ନେତା ମାନସ ରଞ୍ଜନ ଦେହୁରୀ, ସୁଶିତ ସାହୁ, ବସନ୍ତ ପ୍ରଧାନ, ବିନୋଦ ସାହୁ, ରାକେଶ ନନ୍ଦ, ବିଶ୍ୱମ୍ଭର ଖୁଣ୍ଟିଆ, ଅଶୋକ ସାହୁ, ରନ୍ତଲେଇ ପଞ୍ଚାୟତ ସମିତି ସଭ୍ୟ ସୁଜିତ ସାହୁ, ସତ୍ୟବାଦୀ ସାହୁ, ମାଧବ ମୁଖୀ, କୁଳମଣି ସାହୁ, ରଥ ରାଉତ, ଭୀଷ୍ମ ବେହେରା, ଗଣେଶ୍ୱର ସାହୁ, ଲିପୁନ ସାହୁଙ୍କ ସମେତ ଜନ ସାଧାରଣ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ଓଡ଼ାପଡ଼ା, ୬।୧୦(ଡି.ଏନ.ଏ.)

ଢେଙ୍କାନାଳ-ଅନୁଗୋଳ ଏମ୍‌ପି ତଥାଗତ ସତପଥୀ ଶନିବାର ଓଡ଼ାପଡ଼ା ବ୍ଲକ ଗସ୍ତକରି ବିଭିନ୍ନ ଜନହିତକର ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏଥିସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନ କରିବା ସହ ଛାତ୍ରୀଛାତ୍ର ଓ ଗ୍ରାମବାସୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। 'ମୋ ଗାଁ, ମୋ ବିକାଶ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ୨ଲକ୍ଷ ଟଙ୍କାରେ ଗଦାଶିଳା ସଭାଗୃହ, ଗୁଣ୍ଡେଇ ଗୋଷ୍ଠୀକେନ୍ଦ୍ର, ଓଡ଼ାପଡ଼ା ପଞ୍ଚାୟତ ଜୟନ୍ତନଗରରେ ୪ଲକ୍ଷ ଟଙ୍କାରେ ବହୁମୁଖୀ ଗୋଷ୍ଠୀକେନ୍ଦ୍ର, ବାଙ୍ଗୁରସିଂହରେ ୨ଲକ୍ଷ ଟଙ୍କାରେ ଯଜ୍ଞ ମଣ୍ଡପ, ଏକଘରିଆ ଗ୍ରାମରେ ୪ଲକ୍ଷ ଟଙ୍କାରେ ଜଗନ୍ନାଥ ସଂସ୍କୃତି କେନ୍ଦ୍ର ନିର୍ମାଣ କରାଯିବ। ଏଥିସହ ଏମ୍‌ପି ଲାଡ୍‌ରୁ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମଣିଦେବୀ ଉଚ୍ଚ ବିଦ୍ୟାଳୟରେ ନୂତନ ଶ୍ରେଣୀ ଗୃହ ନିର୍ମାଣ ହେବ। ଏମ୍‌ପି ସମସ୍ତ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଏମ୍‌ପି ସତପଥୀ ବଳରାମପ୍ରସାଦ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ କ୍ୱାର୍ଟର୍ସକୁ ଉଦ୍‌ଘାଟନ କରିବା ସହ ବ୍ଲକ କାର୍ଯ୍ୟାଳୟରେ ରାଶନକାର୍ଡ ବଣ୍ଟନ କରିଥିଲେ। ମଣିଦେବୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ ଏମ୍‌ପି ଦୀର୍ଘ ସମୟ ଆଲୋଚନା ମଧ କରିଥିଲେ। ସେହିପରି ଗୋଡ଼ିଡିହ ଗ୍ରାମବାସୀଙ୍କ ସମସ୍ୟା ପଚାରି ବୁଝିଥିଲେ। ଏହି ଗସ୍ତ ସମୟରେ ବିଧାୟିକା ସୀମାରାଣୀ ନାୟକ, ବ୍ଲକ ଅଧକ୍ଷା ସସ୍ମିତା ମହାନ୍ତି, ପ୍ରକାଶ ମିଶ୍ର, ପ୍ରତାପ ରାଉତ, ସରୋଜ ସାହୁ, ପ୍ରଶାନ୍ତ ମହାପାତ୍ର, ସୁଜନ ନାୟକ, ଯୁଗଳ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ୨୮ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

ଢେଙ୍କାନାଳ ଅଫିସ, ୬।୧୦

ଢେଙ୍କାନାଳ ପୌରାଞ୍ଚଳରେ କାର୍ଯ୍ୟକରି ଅବସର ଗ୍ରହଣ କରିଥିବା ୨୮ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏବିଇଓ ମଧୁସୂଦନ ଷେଣ୍ଡଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିଇଓ ନିତ୍ୟାନନ୍ଦ ବାରିକ, ଅନ୍ୟତମ ଅତିଥି ଏବିଇଓ ଅଦ୍ୱୈତ କୁମାର ସାମଲ, ଭଗବାନ ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ଗୋଲାପମଣି ସାହୁ, ବୀଣାପାଣି ମିଶ୍ର, ଅନ୍ନପୂର୍ଣ୍ଣା ପ୍ରଧାନ, ବିପିନବିହାରୀ ପାଲ ପ୍ରମୁଖ ମଞ୍ଚାସୀନ ରହି ବିଦାୟୀ ଶିକ୍ଷୟିତ୍ରୀଶିକ୍ଷକଙ୍କ କାର୍ଯ୍ୟନିଷ୍ଠାକୁ ପ୍ରଶଂସା କରିଥିଲେ। ଶିକ୍ଷୟିତ୍ରୀ ରାଜେଶ୍ୱରୀ ମିଶ୍ର, ମମତା ପାଣି, ସୌଦାମିନୀ ଦେହୁରୀ ସ୍ୱରଚିତ କବିତା ମାଧମରେ ସେମାନଙ୍କ ଗୁଣାବଳୀ ବର୍ଣ୍ଣନା କରିଥିଲେ। ଅବସର ନେଇଥିବା ଶିକ୍ଷୟିତ୍ରୀ ସୁଧୀରା ପାଢ଼ୀ, ସଚଳା ପାଣି, ପ୍ରେମଲତା ପାଣି ଶିକ୍ଷକତା ଜୀବନର ଅଭିଜ୍ଞତା ବାଣ୍ଟିଥିଲେ। ସିଆର୍‌ସିସି ବିଷ୍ଣୁ କୁମାର ମଲ୍ଲିକ, ସୁବାସିନୀ ମିଶ୍ର, ମମତା ପଣ୍ଡା, ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାରାଣୀ ଦାସ, ବିଜୟଲକ୍ଷ୍ମୀ ମିଶ୍ର, ଶିକ୍ଷୟିତ୍ରୀ ବନଶ୍ରୀ ଶତପଥୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପୌରାଞ୍ଚଳର ୧୩୦ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

### କାର ଧକ୍କାରେ ଯୁବକ ମୃତ

ପରଜଙ୍ଗ, ୬।୧୦(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧୀନ ୧୪୯ନଂ. ଜାତୀୟ ରାଜପଥର ମୋହନପଶି ଛକ ନିକଟରେ ଶନିବାର ଅପରାହ୍ନରେ ଦୁର୍ଘଟଣା ଘଟିଛି। ରାଉରକେଲାରୁ ରୋଗୀ ନେଇ କଟକ ଯାଉଥିବା କାର୍ (ଓଆର୍ ୧୪ଏକ୍ସ ୯୬୦୩) ଧକ୍କାରେ ତାଳଚେର ବ୍ଲକ ସୋଲଡ଼ା ଗ୍ରାମର ସୁଧାକର ନାୟକଙ୍କ ମୃତ୍ୟୁ ଘଟିଛି। ମୋହନପଶି ଗାଁ ପାଖରୁ ୧ନଂ. କଲୋନୀକୁ ଯିବାକୁ ସୁଧାକର ରାସ୍ତା ପାର ହେଉଥିଲେ। ଏହି ସମୟରେ କାର୍ ଆସିଯିବାରୁ ସେ ହଠାତ୍ ପଛକୁ ଫେରି ଆସିଥିଲେ। ଫଳରେ ଡ୍ରାଇଭର ଭାରସାମ୍ୟ ହରାଇ ତାଙ୍କୁ ଧକ୍କା ଦେଇଥିଲା। ପରେ ଗାଡ଼ିଟି ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଯାଇଥିଲା। ଗାଡ଼ିରେ ଥିବା ରୋଗୀ ସୁରକ୍ଷିତ ଥିବାବେଳେ ଦୁର୍ଘଟଣା ଘଟାଇ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଫାଣ୍ଡି ଅଧିକାରୀ ମାଗୁଣି ଗଡ଼ନାୟକ ପହଞ୍ଚି କାର୍ ଜବତ କରିଛନ୍ତି। ଏ ନେଇ ଥାନାରେ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି।

### କାର ଦୁର୍ଘଟଣାଗ୍ରସ୍ତ

ପରଜଙ୍ଗ, ୬।୧୦(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମହାବିରୋଡ ଫାଣ୍ଡି ଅଧୀନ ୧୪୯ନଂ. ଜାତୀୟ ରାଜପଥର ଭେଜିଆ ନୂଆସାହି ନିକଟରେ ଶନିବାର ଅପରାହ୍ନରେ ଏକ କାର୍ (ଓଡ଼ି ୧୯ଏଲ ୬୪୫୯) ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଗାଡ଼ି ଚଳାଉଥିବା ଡ୍ରାଇଭର ସୁରକ୍ଷିତ ଅଛନ୍ତି।

## ଅଙ୍କରାନ୍ତିପୁରରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

# 'ତଳସ୍ତରର ଶିକ୍ଷାକୁ ଗୁରୁତ୍ୱ ଦେବା ଜରୁରୀ'

ଓଡ଼ାପଡ଼ା, ୬।୧୦(ଡି.ଏନ୍.ଏ.)

ବର୍ତ୍ତମାନ ସମୟରେ ମୌଳିକ ଶିକ୍ଷାକୁ ବିଶେଷ ଧ୍ୟାନ ଦିଆଯାଉନାହିଁ। ତଳସ୍ତରର ଶିକ୍ଷା ପ୍ରତି ଗୁରୁତ୍ୱ ଦେବା ନିତାନ୍ତ ଜରୁରୀ। ତୃଣମୂଳସ୍ତରରୁ ଶିକ୍ଷା ମଜଭୁତ ହେଲେ ତାହାର ପ୍ରଭାବ ଉପରସ୍ତରରେ ପରିଲକ୍ଷିତ ହେବ। ଶିକ୍ଷାର ଶେଷ ନାହିଁ। ଶିକ୍ଷାକ୍ଷେତ୍ରରେ

- ଖର୍ଚ୍ଚ ହେବ ୪ କୋଟି ୬୦ ଲକ୍ଷ
- ଢେଙ୍କାନାଳରେ ୩ଟି ସ୍କୁଲ ହେବ

ଯେକୌଣସି ସ୍ଥାନରେ ପହଞ୍ଚିଲେ ମଧ ଆମେ କେହି ବି କହିପାରିବାନାହିଁ ଏହା ଯଥେଷ୍ଟ। ଏହା କହିଛନ୍ତି ଢେଙ୍କାନାଳ-ଅନୁଗୋଳ ଏମ୍‌ପି ତଥାଗତ ସତପଥୀ। ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସିମିନଇ ପଞ୍ଚାୟତ ଅଙ୍କରାନ୍ତିପୁରରେ ଶନିବାର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏପରି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସେ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ବ୍ଲକ ଅଧକ୍ଷା ସସ୍ମିତା ମହାନ୍ତି, ସରପଞ୍ଚ ବିନୋଦିନୀ ନାୟକ, ସମିତିସଭ୍ୟ ପ୍ରମୋଦ ନାୟକ, ଭୂଷଣ କମ୍ପାନୀର ଚିଫ୍ ଅପରେଟିଂ ଅଫିସର ସୁବୋଧ ପାଣ୍ଡେ, କର୍ପୋରେଟ ସେବା ବିଭାଗ ମୁଖ୍ୟ ମଣିକାନ୍ତ ନାୟକ, ଜିଲା ଶିକ୍ଷାଧିକାରୀ ସୁଧାନନ୍ଦ ପରିଡ଼ା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଟାଟା ଷ୍ଟିଲ୍‌ର ଶୁଭ୍ରାଂଶୁ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଅଞ୍ଚଳର ବୁଦ୍ଧିଜୀବୀ, ଟାଟା କମ୍ପାନୀର କର୍ମକର୍ତ୍ତାଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

ଗ୍ରାମାଞ୍ଚଳର ମେଧାବୀ ପିଲାଙ୍କ ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ ଢାଞ୍ଚାରେ ଶୈକ୍ଷିକ ବାତାବରଣ ଉପଲବ୍ଧ କରାଇବା ଲାଗି ରାଜ୍ୟ ସରକାରଙ୍କ ଉଦ୍ୟମରେ ନିର୍ମାଣ କରାଯାଉଛି ଓଡ଼ିଶା ଆଦର୍ଶ ବିଦ୍ୟାଳୟ। ଟାଟା ଷ୍ଟିଲ୍ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ରାଜ୍ୟରେ ୩୦ଟି ଆଦର୍ଶ ବିଦ୍ୟାଳୟ ତିଆରି କରାଯାଉଛି। ସେଥିମଧ୍ୟରେ ଢେଙ୍କାନାଳ ଜିଲାର କାମାକ୍ଷାନଗର ବ୍ଲକରେ ସ୍କୁଲ କାର୍ଯ୍ୟ ଶେଷ ହୋଇଥିବାବେଳେ ହିନ୍ଦୋଳ ବ୍ଲକରେ ନିର୍ମାଣାଧୀନ ରହିଛି। ଓଡ଼ାପଡ଼ା ବ୍ଲକର ଅଙ୍କରାନ୍ତିପୁରରେ ୫ଏକର ପରିବ୍ୟାପ୍ତ ଜମିରେ ଏହି ସ୍କୁଲ ତିଆରି ହେବ। ୨୪, ୫୭୪ ବର୍ଗଫୁଟରେ ୧୪ ଶ୍ରେଣୀଗୃହ ସମେତ କମ୍ପ୍ୟୁଟର କକ୍ଷ, କମ୍ପ୍ୟୁଟର ଲାବରେଟୋରି, ପାଠାଗାର, କର୍ମଚାରୀ କକ୍ଷ, ଅଧକ୍ଷଙ୍କ କକ୍ଷ, ପ୍ରାର୍ଥନା ଏବଂ ଏକତାସ୍ଥଳ, ପ୍ରତି ମହଲାରେ ଛାତ୍ରୀଛାତ୍ରଙ୍କ ପାଇଁ ଅଲଗା ଶୌଚାଳୟ ବ୍ୟବସ୍ଥା ରହିବ। ଶ୍ରେଣୀଗୃହ ପାଇଁ ଉଭୟ ଶିଡି ଏବଂ ର୍‌ୟାମ୍ପ, ପାନୀୟ ଜଳର ସୁବିଧା ଉପଲବ୍ଧ ହେବ। ସ୍କୁଲର ସମସ୍ତ ଆନୁଷଙ୍ଗିକ ଉପକରଣ ଟାଟା ଷ୍ଟିଲ୍ ପକ୍ଷରୁ ଯୋଗାଇ ଦିଆଯିବ। ଏସବୁ କାର୍ଯ୍ୟରେ ମୋଟ ୪ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟ କରାଯିବ। ବର୍ଷେ ମଧ୍ୟରେ ସ୍କୁଲ ନିର୍ମାଣ ସରିବ। କମ୍ପାନୀର ନିଜସ୍ୱ ସଂସ୍ଥା ଜାମ୍‌ସେଦପୁର ୟୁଟିଲିଟି ସର୍ଭିସେସ୍ କମ୍ପାନୀ ଲିମିଟେଡ୍ ସ୍କୁଲ ନିର୍ମାଣ ଦାୟିତ୍ୱ ନେଇଛି।



ଆଦର୍ଶ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଢେଙ୍କାନାଳ-ଅନୁଗୋଳ ଏମ୍‌ପିଙ୍କ ସମେତ ଅନ୍ୟମାନେ।

## ସେଲ୍‌ଫି କର୍ଣ୍ଣର


@ ଅଞ୍ଜନା


@ ସ୍ୱରୂପ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ**
dklselfie@gmail.com
(ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ

# 'ସୁରଭି' ପ୍ରତିଭା ବିକାଶର ମଞ୍ଚ

କାମାକ୍ଷାନଗର, ୬।୧୦(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ବିଇଓଙ୍କ କାର୍ଯ୍ୟାଳୟ ପରିସରରେ ଶନିବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଉଦ୍‌ଘାଟନ କରି କହିଲେ, ସୁରଭି ହେଉଛି ପ୍ରତିଭା ବିକାଶର ମଞ୍ଚ। ଲୁକ୍କାୟିତ ପ୍ରତିଭାର ବିକାଶ ଲାଗି ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ପ୍ରୟାସରେ ଏପରି ଅଭିନବ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ପ୍ରତିଭାବାନ ଛାତ୍ରୀଛାତ୍ରଙ୍କୁ ରାଜ୍ୟସ୍ତରରେ ପୁରସ୍କୃତ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ।

ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ନେଇ ବିତର୍କ, ପ୍ରବନ୍ଧ, ବକ୍ତୃତା, ସୁନ୍ଦର ହସ୍ତାକ୍ଷର, ସାଧାରଣ ଜ୍ଞାନ, ସଙ୍ଗୀତ, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ହସ୍ତଶିଳ୍ପ, ମଧ୍ୟାହ୍ନଭୋଜନ ଖାଦ୍ୟ ପ୍ରଦର୍ଶନୀ, ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପୂର୍ବତନ ଶିକ୍ଷା ଜିଲା ଅଧିକାରୀ ମାୟାଧର ପାଣି ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷକଙ୍କୁ ମଣିଷ ତିଆରି କାରଖାନାର ଯନ୍ତ୍ରୀ ବୋଲି କହିଥିଲେ।

ବିଇଓ ଅଜୟ କୁମାର ପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ଏନ୍‌ଏସି ଅଧକ୍ଷ ଧର୍ମାନନ୍ଦ ପରିଡ଼ା, ବ୍ଲକ ଉପାଧକ୍ଷ ରଶ୍ମିରଞ୍ଜନ ଖୁଣ୍ଟିଆ, ଏବିଇଓ ଜଳଧର ଲେଙ୍କା, ଗଜେନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ମନୋଜ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଏବିଇଓ କୃଷ୍ଣଚନ୍ଦ୍ର ଭୋଇ, ରାଘବ ଚନ୍ଦ୍ର ଖୁଣ୍ଟିଆ, ଧନେଶ୍ୱର ସାହୁ, ଯୁଧିଷ୍ଠିର ବିଶ୍ୱାଳ, ମନୋଜ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


ପ୍ରତିଯୋଗୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

### ଉଜ୍ଜ୍ୱଳା ହିତାଧିକାରୀଙ୍କ ସହ ଭାବବିନିମୟ କଲେ ତୈଳମନ୍ତ୍ରୀ

ଭୁବନ, ୬।୧୦(ଡି.ଏନ.ଏ.)

ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳର ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ୍ ସଂଯୋଗ ନେଇଥିବା ହିତାଧିକାରୀଙ୍କ ସହିତ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଭିଡିଓ କନଫରେନ୍ସ ମାଧ୍ୟମରେ ଭାବ ବିନିମୟ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ରାମ ମନ୍ଦିର ସଭାଗୃହରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ କେନ୍ଦ୍ରମନ୍ତ୍ରୀ ଗ୍ୟାସ୍‌ର ବ୍ୟବହାର, ସୁରକ୍ଷା ଏବଂ ଯୋଜନାର ଆବଶ୍ୟକତା ସମ୍ପର୍କରେ ହିତାଧିକାରୀଙ୍କୁ ବହୁ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବୀର ଗ୍ୟାସ୍ ପ୍ରୋପ୍ରାଇଟର ସାଗରିକା ମିଶ୍ର, ଇଂ. ମନୋରଞ୍ଜନ ପତି, ଭାରତ ଗ୍ୟାସ୍ ପକ୍ଷରୁ ବିଷ୍ଣୁ ପ୍ରସାଦ ସାହୁ, ତନ୍ମୟ କୁମାର ସାହୁ, ଜନସେବା କେନ୍ଦ୍ରର ରାଜେନ୍ଦ୍ର ନାୟକଙ୍କ ସମେତ ଆଖପାଖ ଅଞ୍ଚଳରେ ଶତାଧିକ ହିତାଧିକାରୀ ଉପସ୍ଥିତ ଥିଲେ।

# ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନ, ୬।୧୦(ଡି.ଏନ.ଏ.)

- ହତ୍ୟା ଅଭିଯୋଗ ଆଣିଲା ପରିବାର
- ତଦନ୍ତ କଲା ସାଇଣ୍ଟିଫିକ୍ ଟିମ୍

ଭୁବନ ଥାନା ଭୁଷଳ ପଞ୍ଚାୟତ ଜୟପୁର ଗ୍ରାମରେ ଜଣେ ମହିଳାଙ୍କ ମୃତଦେହ ସଜନା ଗଛରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ସେ ହେଲେ ସାରଥି ମଲ୍ଲିକଙ୍କ ଝିଅ ବନ୍ଦନା (୩୨)। ତେବେ ଶାଶୁଘର ଲୋକେ ଭଉଣୀକୁ ହତ୍ୟା କରି ଗଛରେ ଟାଙ୍ଗି ଦେଇଥିବା ମୃତା ମହିଳାଙ୍କ ଭାଇ ଅଜୟ ମଲ୍ଲିକ ଅଭିଯୋଗ କରିଛନ୍ତି। ସୂଚନା ପାଇ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯିବାସହ ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଛି।

ଅଜୟ ଅଭିଯୋଗରେ ଦର୍ଶାଇଛନ୍ତି, ଭଉଣୀ ବନ୍ଦନାଙ୍କ ବିବାହ ସେହି ଗ୍ରାମର ଶିରିଷ ବେହେରାଙ୍କ ସହ ବୈଦିକ ରୀତିରେ ହୋଇଥିଲା। ଉଭୟଙ୍କ ୧୦ବର୍ଷର ଜଣେ ଝିଅ ଅଛନ୍ତି। ବନ୍ଦନାଙ୍କୁ ଶାଶୁ ଘରେ ନିର୍ଯାତନା ଦିଆଯାଉଥିଲା। ଅନେକ ସମୟରେ ତାଙ୍କୁ ମାର୍‌ପିଟ ମଧ କରୁଥିଲେ। ସେମାନେ ହିଁ ତାଙ୍କୁ ହତ୍ୟାକରି ଗଛରେ ଟାଙ୍ଗି ଦେଇଛନ୍ତି। ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

ଏ ସଂକ୍ରାନ୍ତରେ ତଦନ୍ତକାରୀ ଅଧିକାରୀ ପଙ୍କଜ କୁମାର ମାଝି କୁହନ୍ତି, ସଜନା ଗଛରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ଏ ସଂକ୍ରାନ୍ତରେ ନଂ. ୧୮୮/୧୮, ଦଫା ୪୯୮ (ଏ), ୩୦୨ରେ ମାମଲା ରୁଜୁ କରାଯାଇଛି। ସାଇଣ୍ଟିଫିକ୍ ଟିମ୍ ନମୁନା ସଂଗ୍ରହ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ରିପୋର୍ଟ ଆସିବା ପରେ ଏହା ପଛର ସତ୍ୟାସତ୍ୟ ଜଣାପଡ଼ିବ।

# କର୍କଟ ଚିକିତ୍ସା ଶିବିର



ଢେଙ୍କାନାଳ ଅଫିସ, ୬।୧୦

ଢେଙ୍କାନାଳ ଜିଲା ଚିକିତ୍ସାଳୟରେ ଶନିବାର ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ କର୍କଟ ରୋଗ ନିରୂପଣ ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୨୩ଜଣ ରୋଗୀଙ୍କୁ କେମୋ ଥେରାପି ସହ ରୋଗ ନିରାକରଣ ସମ୍ପର୍କରେ ପରାମର୍ଶ ଦିଆଯାଇଥିଲା।

ପ୍ରତି ୩ମାସରେ ଥରେ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗ ନିରୂପଣ କରାଯିବ। ସପ୍ତାହର ମଙ୍ଗଳବାର ଏବଂ ଗୁରୁବାର ଜିଲା ଚିକିତ୍ସାଳୟରେ କର୍କଟ ରୋଗୀଙ୍କ ଲାଗି ଆଉଟ୍‌ଡୋର ଖୋଲାଯାଇ କେମୋ ଦିଆଯିବାକୁ ନିଷ୍ପତ୍ତି ହୋଇଛି। ସିଡିଏମ୍‌ଓ ଡା. ବାସୁଦେବ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ରୋଗ ଗବେଷଣା କେନ୍ଦ୍ରର ଅଣସଂକ୍ରାମକ ରୋଗ ବିଶେଷଜ୍ଞ ଡା. ନିରଞ୍ଜନ ଦାସ, ରେଡିଓ ଥେରାପି ବିଭାଗର ଡା. ସତ୍ୟନାରାୟଣ ମିଶ୍ର, ବିଶେଷଜ୍ଞ ଡା. ଭରତ ଭୂଷଣ ଶତପଥୀ, ଡା. ପ୍ରଶାନ୍ତ ପରିଡା, ଜିଲା ଚିକିତ୍ସାଳୟର ଡା. ରାଜକିଶୋର ସେଠୀ, ଡା. ନଗଜାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ବଳଦେବଜୀଉ କ୍ଲବ ବିଜୟୀ

ଢେଙ୍କାନାଳ ଅଫିସ, ୬।୧୦

ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମ୍ ଚାଲିଥିବା ଜିଲାସ୍ତରୀୟ ଫୁଟ୍‌ବଲ୍ ପ୍ରତିଯୋଗିତାର ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ବଳରାମପୁର ବଳଦେବଜୀଉ କ୍ଲବ ୭-୦ ଗୋଲରେ ଭେଟେରାନ ଆଣ୍ଡ ସନ୍ସ କ୍ଲବକୁ ପରାସ୍ତ କରି ୩ ପଏଣ୍ଟ ହାସଲ କରିଛି। ରାମକୃଷ୍ଣ ବେହେରା, ସନ୍ତୋଷ କାନୁନ୍‌ଗୋ, ସୁଶୀଲ ପଣ୍ଡା, ତନ୍ମୟ ପଟ୍ଟନାୟକ ରେଫେରୀ ଏବଂ ମାୟାଧର ସାହୁ ମ୍ୟାଚ କମିଶନର ରହିଥିଲେ। ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ପରିଦର୍ଶକ ଜୟକୃଷ୍ଣ ପଟ୍ଟନାୟକ ଅତିଥିଭାବେ ଯୋଗଦେଇଥିଲେ। କ୍ରୀଡ଼ାସଂଘ ଉପସଭାପତି ସଞ୍ଜୟ ଭଞ୍ଜ, ଯୁଗ୍ମ ସମ୍ପାଦକ ଗୌରାଙ୍ଗ ସେଠୀ, ମନୋଜ ପଟ୍ଟନାୟକ, ସଭ୍ୟ ଶ୍ୟାମସୁନ୍ଦର ମହାପାତ୍ର, ଶତ୍ରୁଘ୍ନ ମାଟି, ସଞ୍ଜୟ ନାୟକ, ଅଜୟ ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ। ରବିବାର କାଣିଆଡ଼ିହି ସହ ଚିରୁଲେଇ ମଧ୍ୟରେ ମ୍ୟାଚ୍ ଖେଳାଯିବ ବୋଲି ସମ୍ପାଦକ ନଳିନୀ ଦାସ ଜଣାଇଛନ୍ତି।

# ସଦର ବ୍ଲକ ବାହ୍ୟ ମଳମୁକ୍ତ ଘୋଷିତ

ଢେଙ୍କାନାଳ ଅଫିସ, ୬।୧୦

ଢେଙ୍କାନାଳ ଜିଲା ସଦର ବ୍ଲକକୁ ବାହ୍ୟ ମଳମୁକ୍ତ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ବ୍ଲକ ପ୍ରଶାସନ ପକ୍ଷରୁ ଶନିବାର ମିନି ଷ୍ଟାଡିମୟମରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ସଦର ବ୍ଲକକୁ ଖୋଲା ମଳମୁକ୍ତ ଘୋଷିତ କରିଥିଲେ। ବିଧାୟକ ସରୋଜ କୁମାର ସାମଲ, ବ୍ଲକ ଅଧକ୍ଷା ପଦ୍ମିନୀ ନାୟକ, ଉପାଧକ୍ଷ ନରୋତ୍ତମ ସାହୁ, ଜିଲାପାଳ ନିଖିଳ ପଓ୍ୱନ କଲ୍ୟାଣ, ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ବିଡିଓ ସରୋଜ କୁମାର ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ବ୍ଲକ ଅଧକ୍ଷ, ଉପାଧକ୍ଷ, ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅବନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀଯନ୍ତ୍ରୀ ବିଜୟାନନ୍ଦ ସାହୁ ଧନ୍ୟବାଦ ଦେଇଥିଲେ। ଏହାପୂର୍ବରୁ କାମାକ୍ଷାନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସଦର ବ୍ଲକର ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ମନ୍ତ୍ରୀ ୮୮ ପରିବାରକୁ ରାଶନ କାର୍ଡ ଏବଂ ଏଲ୍‌ଇଡି ଲାଇଟ୍ ବଣ୍ଟନ କରିଥିଲେ। ହିତାଧିକାରୀମାନେ ଯେପରି ଯୋଗାଣ ସାମଗ୍ରୀ ଏବଂ ବଲ୍‌ବ ଠିକ୍ ଭାବେ ପାଇପାରିବେ ସେ ଦିଗରେ ଯତ୍ନବାନ ହେବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ବିଧାୟକ, ବ୍ଲକ ଅଧକ୍ଷା, ଉପାଧକ୍ଷଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା, ଉପାଧକ୍ଷ, ବିଡିଓଙ୍କ ସମେତ ଅନ୍ୟ କର୍ମକର୍ତ୍ତାଙ୍କୁ ପୁରସ୍କୃତ କରାଯାଉଛି।

